# ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ନୂଆଗାଁ

**OFFICE OF THE CHILD DEVELOPMENT PROJECT OFFICER, NUAGAON**

**Dist- Sundargarh (770035) Mail Id-**cdponuags.or@od.gov.in

**ବିଜ୍ଞାପନ ସଂଖ୍ୟା: ୧୧୫୨ ,ତା: ୧୦.୦୯.୨୦୨୬**

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଅଛି କି, ନୂଆଗାଁ ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିନରେ ଥିବା **ଜାମୁଦାରହ (କର୍କଟନାସା ସେକ୍ଟର), କଣ୍ଟାଝର (କର୍କଟନାସା ସେକ୍ଟର) ଓ ଭଗତପଡ଼ା-୧ (ବାରିଲେପ୍ତା ସେକ୍ଟର)** ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ପଦ ପାଇଁ ବିଜ୍ଞପ୍ତି ଆହ୍ୱାନ କରାଯାଉଅଛି I ଅଙ୍ଗନୱାଡି କର୍ମୀ ପଦ ପାଇଁ ସେହି ଅଙ୍ଗନୱାଡି କେନ୍ଦ୍ର ପରିସରଭୁକ୍ତର **ଦ୍ୱାଦଶ ଶ୍ରେଣୀପାସ** କିମ୍ବା ତଦୁର୍ଦ୍ଧ **ଆଦିବାସୀ** ବର୍ଗର ମହିଳା ପ୍ରାର୍ଥିନୀ ଆବେଦନ କରିପାରିବେ I

ଯେଉଁ ଇଚ୍ଛୁକ ପ୍ରାର୍ଥିନୀମାନେ ନିମ୍ନରେ ଦର୍ଶାଇ ଯାଇଥିବା ସମସ୍ତ ଯୋଗ୍ୟତା ପୂରଣ କରିପାରୁଥିବେ ସେମାନେ ଏହି **website (URL:http://engagement-awc.odisha.gov.in)** ରେ login କରି ଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତାର ପ୍ରମାଣ ପତ୍ର upload କରି ଓ ଆବଶ୍ୟକୀୟ ସ୍ଥାନ ପୂରଣ କରି ଆସନ୍ତା ତା: **୧୨.୦୯.୨୦୨୬ ଠାରୁ ୨୬.୦୯.୨୦୨୬ ରିଖ** ସୁଦ୍ଧା ଦରଖାସ୍ତ ଆବେଦନ କରିପାରିବେ I

ପୁନଃବାର ସମସ୍ତ ଦରଖାସ୍ତକାରୀମାନଙ୍କୁ ସୂଚିତ କରାଯାଉଛି ଯେ ଆସନ୍ତା ତା-**୨୮.୦୯.୨୦୨୬ ରିଖ ପୂର୍ବାହ୍ନ ୧୧:୦୦** ଘଟିକାରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ସମସ୍ତ ମୂଳ ପ୍ରମାଣପତ୍ରର ଯାଞ୍ଚ କରାଯିବ I ଏଣୁ ସମସ୍ତ ଆବେଦନକାରୀ ମାନଙ୍କୁ ଅନୁରୋଧ କରାଯାଉଅଛି ଯେ ଧାର୍ଯ୍ୟ ତାରିଖ, ସମୟ ଓ ସ୍ଥାନରେ ସମସ୍ତ ମୂଳ ପ୍ରମାଣପତ୍ର ସହ ଉପସ୍ଥିତ ରହିବେ I

କୌଶଲ୍ୟା ସେନ
ତା: ୧୦.୦୯.୨୦୨୬

ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
ନୂଆଗାଁ

Child Dev. Project Officer
Nuagaon

**ଅଙ୍ଗନୱାଡି କର୍ମୀ ମନୋନୟନ ପାଇଁ ଯୋଗ୍ୟତା ଓ ସର୍ତ୍ତାବଳୀ**

- ପ୍ରାର୍ଥିନୀ କେବଳ ଆଦିବାସୀ ବର୍ଗର ମହିଳା ହୋଇଥିବେ I
- ପ୍ରାର୍ଥିନୀ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ର ଅଞ୍ଚଳର/କେନ୍ଦ୍ର ପରିସରଭୁକ୍ତ ସାହିର ସ୍ଥାୟୀ ବାସିନ୍ଦା ହୋଇଥିବେ I
- ପ୍ରାର୍ଥିନୀଙ୍କ ସର୍ବନିମ୍ନ ବୟସ ତା: **୦୧/୦୧/୨୦୨୬** ରିଖ ସୁଦ୍ଧା **୧୮** ବର୍ଷ ସଂପୂର୍ଣ୍ଣ ହୋଇଥିବ ଓ ସର୍ବୋଚ୍ଚ ବୟସ ସୀମା **୩୫** ବର୍ଷରୁ ଅଧିକ ହୋଇନଥିବ I
- ପ୍ରାର୍ଥିନୀଙ୍କର ଶିକ୍ଷାଗତ ଯୋଗ୍ୟତା **ଦ୍ୱାଦଶ ଶ୍ରେଣୀ** ବା ତଦୁର୍ଦ୍ଧ୍ୱ ହୋଇଥିବ I
- ବିଧବା, ଅନାଥ, ସ୍ୱାମୀ ପରିତ୍ୟକ୍ତା,ନିରାଶ୍ରୟ,ବିକଳାଙ୍ଗ ମହିଳା ମାନଙ୍କୁ ଚୟନ ସମୟ ରେ ସରକାରଙ୍କ ନିୟମାବଳୀ ଅନୁସାରେ ଅତିରିକ୍ତ ମାର୍କ ଦିଆଯିବ I ତା ସହିତ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀନୀ ଙ୍କୁ ଅତିରିକ୍ତ ମାର୍କ ଦିଆଯିବ I
- ଅଙ୍ଗନୱାଡି କର୍ମୀ ରୂପେ ମନୋନୀତ ହେଲେ ମାସିକ ଟ.**୧୦,୦୦୦/-( ଦଶ ହଜାର ମାତ୍ର )** ଟଙ୍କା ଲେଖାଏଁ ଭତ୍ତା ପାଇବେ I
- ପ୍ରାର୍ଥିନୀ ଓଡିଶା ସରକାରଙ୍କର ଯେକୌଣସି ସ୍ୱିକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରୁ ଆବଶ୍ୟକୀୟ ଶିକ୍ଷା ଲାଭ କରିଥିଲେ ମଧ ଓଡିଆ ଭାଷାରେ ଅତିକମରେ **୭ମ** ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଥିବା ଆବଶ୍ୟକ I
- ପ୍ରାର୍ଥିନୀ ଯଦି ପଞ୍ଚାୟତରାଜ୍ ବିଭାଗର ନିର୍ବାଚିତ ସଦସ୍ୟା ହୋଇଥାନ୍ତି,ତେବେ ଉକ୍ତ ପଦବୀ ନିମିତ୍ତ ଚୟନ କମିଟିଦ୍ୱାରା ଯୋଗ୍ୟ ବିବେଚିତ ହୋଇସାରିବା ପରେ ଇସ୍ତଫା ଦେଇ କର୍ମୀ ପଦବୀରେ ଯୋଗଦାନ କରିବେ I

ଉପରୋକ୍ତ ନିୟମାବଳୀକୁ ଅନୁସରଣ କରି ପ୍ରାର୍ଥିନୀ ଆବେଦନ ପତ୍ର ସହିତ ଆନୁସଂଗିକ ସାର୍ଟିଫିକେଟର ଜେରକ୍ସ କପିରେ ସ୍ୱାକ୍ଷରକରିବା ସହିତ ତାରିଖ ଉଲ୍ଲେଖ କରିବା ଜରୁରୀ I

**ନିମ୍ନଲିଖିତ ମୂଳ ସାର୍ଟିଫିକେଟ୍ କୁ ୱେବସାଇଟରେ ସଂଲଗ୍ନ କରିବେ I**

- ପାସ୍ ପୋର୍ଟ ସାଇଜର ସେଲଫ୍ ଆଟେଷ୍ଟେଡ୍ ଫଟୋକପି I
- ଦ୍ୱାଦଶ ଶ୍ରେଣୀ ପାଶ୍ ବୋର୍ଡ ସାର୍ଟିଫିକେଟ୍ ଓ ମାର୍କସିଟ୍ I
- ଜାତିଗତ ପ୍ରମାଣ ପତ୍ର I (ତହସିଲଦାର ଙ୍କ ଠାରୁ)
- ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର I(ତହସିଲଦାର ଙ୍କ ଠାରୁ)
- ଅନାଥ ପ୍ରମାଣ ପତ୍ର I(ସରକାରୀ ସ୍ୱୀକୃତିପ୍ରାପ୍ତ ଅନାଥାଶ୍ରମରୁ)
- ଶାରିରୀକ ଭିନ୍ନକ୍ଷମ ପ୍ରମାଣପତ୍ର I (CDMO)
- ସ୍ୱାମୀ ପରିତ୍ୟକ୍ତା ପ୍ରମାଣପତ୍ର I (କୋର୍ଟ ରୁ ପ୍ରମାଣିତ)
- ବିଧବା ପ୍ରମାଣପତ୍ର I (ବିଧବାଙ୍କ ପାଇଁ)
- ECCE Worker (D.P.C-D.P.E. P)
- ବାଲବାଡି କର୍ମୀ ହିସାବରେ ପ୍ରମାଣପତ୍ର I
- ବିଜ୍ଞାପିତ ସାହିର ସ୍ଥାୟୀବାସିନ୍ଦା ପ୍ରମାଣପତ୍ର (ସଂପୃକ୍ତ ଅଙ୍ଗନୱାଡିକେନ୍ଦ୍ର ର Survey Register ରୁ Xerox Copy) ଦାୟିତ୍ୱରେ ଥିବା ଅ. ୱା. କର୍ମୀଙ୍କ ପାଖରୁ ଗ୍ରହଣ କରିବେ ।

ପ୍ରକାଶ ଥାଉ କି କୌଣସି ତ୍ରୁଟି ଅନୁଧାନ ପୂର୍ବକ ତଥା କୌଣସି କାରଣ ନ ଦର୍ଶାଇ ଚୟନ କମିଟି ଅଧକ୍ଷଙ୍କ ଅନୁମୋଦନ କ୍ରମେ ସଂପୂର୍ଣ୍ଣ ବିଜ୍ଞାପନକୁ ବାତିଲ କରାଯାଇପାରେ I

| କ୍ର. ସଂଖ୍ୟା | ଗ୍ରାମ ପଞ୍ଚାୟତ ର ନାମ | ଗ୍ରାମ / ୱାର୍ଡ ର ନାମ | ଖାଲିଥିବା ଅଙ୍ଗନବାଡି କେନ୍ଦ୍ର ର ନାମ | ନିର୍ଦ୍ଧାରିତ ପରିସରଭୁକ୍ତ ଅଞ୍ଚଳ | |
|---|---|---|---|---|---|
| | | | | ଆରମ୍ଭ ଗୃହ ସଂଖ୍ୟା | ଶେଷ ଗୃହ ସଂଖ୍ୟା |
| ୧ | କର୍କଟନାସା | ଜାମୁଦାରହ | ଜାମୁଦାରହ | ୦୦୧- ମାଙ୍ଗା କାଣ୍ଡୁଲନା | ୧୧୯- ହୀରାବତୀ ବଡ଼ାଇକ |
| ୨ | କର୍କଟନାସା | କଣ୍ଟାଝର | କଣ୍ଟାଝର | ୦୦୧- ସୀମନ ବଦ୍ରା | ୧୧୫- ସୁଦର୍ଶନ କୁଜୁର |
| ୩ | ବାରିଲେପ୍ତା | ବାରିଲେପ୍ତା | ଭଗତପଡ଼ା-୧ | ୦୦୧- ମାର୍ଗରିଟ ମାଲ୍ତୋ | ୧୭୧- ହିରମନ ହିଡ଼ |

କୌଶଲ୍ୟା ସେଠ
ତା: ୧୦-୦୯-୨୦୨୫

ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ,
ନୂଆଗାଁ
Child Dev Project Officer
Nuagaon

ପରିପତ୍ର ସଂଖ୍ୟା: ୧୧୫୩ ,ତା: ୧୦.୦୯.୨୦୨୬

ଏହାର ଏକକିତା ନକଲ ସଂପୃକ୍ତ ମଣ୍ଡଳ ପରିଦର୍ଶିକା / ସଂପୃକ୍ତ ସରପଞ୍ଚ ଙ୍କ ଅବଗତି ନିମନ୍ତେ ପଠାଗଲା I ସଂପୃକ୍ତ ମଣ୍ଡଳ ପରିଦର୍ଶିକା ଙ୍କୁ ଅନୁରୋଧ କରାଯାଉଅଛି କି, ନିଜ ଉପସ୍ଥିତିରେ ସଂପୃକ୍ତ ଅଙ୍ଗନୱାଡି କେନ୍ଦ୍ରରେ ବିଜ୍ଞାପନ ପ୍ରକାଶ କରି ସଂପୃକ୍ତ ଗ୍ରାମବାସୀ ଙ୍କ ସ୍ୱାକ୍ଷରିତ ବିବରଣୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ୩ଦିନ ମଧରେ ଦାଖଲ କରିବେ ତଥା ଗ୍ରା:ପ: କାର୍ଯ୍ୟାଳୟ ନୋଟିସ୍ ବୋର୍ଡ୍ ରେ ବିଜ୍ଞାପନ ପ୍ରକାଶ କରିବେ I କେନ୍ଦ୍ର ପରିସର ରେ ଥିବା ଅଙ୍ଗନୱାଡିମାନଙ୍କ କର୍ମୀ ଦ୍ୱାରା ଏହି ବିଜ୍ଞାପନ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ବହୁଳ ପ୍ରସାର କରିବା ପାଇଁ ଆଦେଶ ଦିଆଗଲା I

କୌଶଲ୍ୟା ସେଠ
ତା: ୧୦-୦୯-୨୦୨୫

ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
ନୂଆଗାଁ
Child Dev Project Officer
Nuagaon

ପରିପତ୍ର ସଂଖ୍ୟା: ୧୧୫୪ ,ତା: ୧୦.୦୯.୨୦୨୬

ଏହାର ଏକକିତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,ସୁନ୍ଦରଗଡ଼/ ଉପ-ଜିଲ୍ଲପାଳ,ପାନପୋଷ/ ଗୋଷ୍ଠି ଉନ୍ନୟନ ଅଧିକାରୀ,ନୂଆଗାଁ/ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ,ହାତିବାରୀ/ ଗୋଷ୍ଠୀଶିକ୍ଷା ଅଧିକାରୀ, ନୂଆଗାଁ/ ଗୋଷ୍ଠୀସାମାଜିକ ସୁରକ୍ଷା ଅଧିକାରୀ, ନୂଆଁଗାଁଙ୍କ ଅବଗତି ନିମନ୍ତେ ପଠାଗଲା I

କୌଶଲ୍ୟା ସେଠ
ତା: ୧୦-୦୯-୨୦୨୫

ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ
ନୂଆଗାଁ
Child Dev Project Officer
Nuagaon